# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା ୨୦୨୩-୨୪

### ଶ୍ରେଣୀ - ତୃତୀୟ

**ସମୟ : ୨ ଘଣ୍ଟା** **ପୂର୍ଣ୍ଣସଂଖ୍ୟା - ୧୦୦**

**ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଉତ୍ତରଫର୍ଦ୍ଦ (OMR SHEET)ରେ ଥିବା ଗୋଲାକାର ଅଂଶକୁ ବଲ୍ ପଏଣ୍ଟ କଲମରେ ନୀଳ / କଳା କର ।**

**ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।** ୨ × ୫୦ = ୧୦୦

**ରଫ୍**

୧. ୬୭ ରୁ ୭୭ ପର୍ଯ୍ୟନ୍ତ ସଂଖ୍ୟାର ଯୋଗଫଳ ୪୭ ରୁ ୫୭ ପର୍ଯ୍ୟନ୍ତ ସଂଖ୍ୟାର ଯୋଗଫଳ ଠାରୁ କେତେ ବେଶୀ ?

(A) ୧୪୦ (B) ୩୨୦ (C) ୨୨୦ (D) ୧୨୦

୨. ୧୮ ଲେଖାଏଁ ଅନ୍ତରରେ ୨୦ଟି କ୍ରମିକ ସଂଖ୍ୟା ମଧ୍ୟରୁ ୧ମ ୧୦ଟି ସଂଖ୍ୟାର ଯୋଗଫଳ ଓ ୨ୟ ୧୦ଟି ସଂଖ୍ୟାର ଯୋଗଫଳର ଅନ୍ତରଫଳ କେତେ ?

(A) ୧୮୦୦ (B) ୨୦୦୦ (C) ୧୬୦୦ (D) ୨୮୦୦

୩. ୧୧ଟି କ୍ରମିକ ସଂଖ୍ୟାର ଯୋଗଫଳ ୨୩୧ ହେଲେ ସାନ ସଂଖ୍ୟାଟି କେତେ ?

(A) ୨୮ (B) ୨୬ (C) ୧୮ (D) ୧୬

୪. ମିତା, ପ୍ରସନ୍ନ ଠାରୁ ୪ ବର୍ଷ ସାନ, ଲିପ୍ସା, ମିତା ଠାରୁ ୪ ବର୍ଷ ସାନ ଓ କଳ୍ପନା, ଲିପ୍ସା ଠାରୁ ୪ ବର୍ଷ ସାନ ହେଲେ କଳ୍ପନା ଠାରୁ ପ୍ରସନ୍ନ କେତେ ବର୍ଷ ବଡ଼ ହେବ ?

(A) ୮ (B) ୧୨ (C) ୪ (D) ୧୬

୫. ୫୧୭ ଯେଉଁ ଦୁଇଟି କ୍ରମିକ ସଂଖ୍ୟାର ଯୋଗଫଳ, ସେହି ଦୁଇଟି ମଧ୍ୟରୁ କେଉଁ ସଂଖ୍ୟାଟି ୭ ଦ୍ୱାରା ବିଭାଜ୍ୟ ?

(A) ୨୫୯ (B) ୨୫୮ (C) ୩୧୭ (D) ୭

୬. ୧୨ ହାତ ଅନ୍ତରରେ ଗୋଟିଏ ଲେଖାଏଁ ଗଛ ଗୋଟିଏ ରାସ୍ତାର ଦୁଇ ପାର୍ଶ୍ୱରେ ପୋତା ଯାଇଛି । ଯଦି ଉଭୟ ପାର୍ଶ୍ୱରେ ୨୦ଟି ଲେଖାଏଁ ଗଛ ପୋତା ଯାଇଥାଏ, ତେବେ ରାସ୍ତାର ଦୈର୍ଘ୍ୟ କେତେ ?

(A) ୨୨୮ ହାତ (B) ୨୨୮ ଫୁଟ

(C) ୪୫୬ ହାତ (D) ୪୫୬ ଫୁଟ

https://ssvmkalamachhuin.in/

ରଫ୍

୭. ୪ଟି ସମାନ ମୂଲ୍ୟର କଖାରୁର ଦାମ୍ ୫୦ ଟଙ୍କା ହେଲେ ୧୭୫ ଟଙ୍କାରେ କେତୋଟି କଖାରୁ ମିଳିବ ?

(A) ୨୪ଟି (B) ୧୪ଟି (C) ୧୮ଟି (D) ୧୫ଟି

୮. ତିନିଅଙ୍କ ବିଶିଷ୍ଟ କେଉଁ କ୍ଷୁଦ୍ରତମ ସଂଖ୍ୟା ୧୬ ଦ୍ୱାରା ବିଭାଜ୍ୟ ?

(A) ୧୦୦ (B) ୧୦୬ (C) ୧୦୨ (D) ୧୧୨

୯. କେଉଁ ସଂଖ୍ୟା ୨୨୩ରୁ ଯେତେ ବେଶୀ, ୨୬୬ରୁ ସେତେ କମ୍ ?

(A) ୨୫୪ (B) ୨୫୫ (C) ୨୪୫ (D) ୨୫୦

୧୦. ୭ଟି କୋବି ବା ୪ଟି ପଣସ ବା ୨ଟି କଖାରୁର ଦାମ୍ ୫୬ଟଙ୍କା । ଗୋଟିଏ କୋବି, ଗୋଟିଏ ପଣସ ଓ ଗୋଟିଏ କଖାରୁର ଦାମ୍ ମିଶି କେତେ ଟଙ୍କା ?

(A) ୫୦ଟଙ୍କା (B) ୪୦ଟଙ୍କା (C) ୬୦ଟଙ୍କା (D) ୫୫ଟଙ୍କା

୧୧. ମକର ସଂକ୍ରାନ୍ତି ଦିନ ଖଦୀ ଲୁଗା କିଣିଲେ ଲିଖିତ ଦାମ୍‌ର କିଛି ଅଂଶ ଛାଡ଼ କରାଯାଏ । ଗୁଡ଼ି ୭୦୦ ଟଙ୍କା ଲେଖାଥିବା ଖଣ୍ଡିଏ ଲୁଗାକୁ ୫୬୦ ଟଙ୍କା ଦେଇ କିଣିଲେ । ତେବେ ସେହି ଲୁଗାକୁ ଗୁଡ଼ି କେତେ ଅଂଶ ଛାଡ଼ରେ କିଣିଲେ ?

(A) $\frac{୩}{୪}$ (B) $\frac{୪}{୫}$ (C) $\frac{୧}{୪}$ (D) $\frac{୧}{୫}$

୧୨. ଗୋଟିଏ ସଂଖ୍ୟାର $\frac{୬}{୭}$ ଅଂଶରେ କେତେ ଯୋଗକଲେ ୯୮ ହେବ ?

(A) ୧୭ (B) ୭ (C) ୧୪ (D) ୧୮

୧୩. ଦୁଇଟି ସଂଖ୍ୟାର ଯୋଗଫଳ ୪୯୦ । ବଡ଼ ସଂଖ୍ୟା ଅନ୍ତରଫଳର ୪ ଗୁଣ ହେଲେ ସଂଖ୍ୟା ଦୁଇଟି କେତେ ?

(A) ୨୦୦ ଓ ୨୮୦ (B) ୨୧୦ ଓ ୨୮୦

(C) ୨୨୦ ଓ ୨୬୦ (D) ୨୩୦ ଓ ୨୫୦

୧୪. ______ ଘ ______ ମି.ର $\frac{୩}{୫}$ = ୧ଘ ୫୭ମି.

(A) ୩ଘ. ୩୦ମି. (B) ୨ଘ. ୧୫ମି.

(C) ୪ଘ.୧୫ମି. (D) ୩ଘ.୧୫ମି.

୧୫. ମନୋଜ ବାବୁ ଗୋଟଏ କଲମକୁ ୧୫ ଟଙ୍କା ଦରରେ ୧୦ଟି କଲମ କିଣି, ସମସ୍ତ କଲମକୁ କି ଦରରେ ବିକିଲେ ତାଙ୍କର ୨ଟି କଲମର ମୂଳକିଣା ଯେତେ, ସେତିକି ଲାଭ ହେବ ?

(A) ୧୭ ଟଙ୍କା (B) ୧୮ ଟଙ୍କା

(C) ୧୯ ଟଙ୍କା (D) ୨୦ ଟଙ୍କା

https://ssvmkalamachhuin.in/

ରଫ୍

୧୬. ରୁଦ୍ର ବାବୁ ଗୋଟିଏ ଘଣ୍ଟାକୁ ୬୦୦ଟଙ୍କାରେ ବିକ୍ରିକଲେ ଯେତେ ଲାଭ କରନ୍ତି, ୪୨୦ଟଙ୍କାରେ ବିକ୍ରିକଲେ ତା'ର ଅଧା କ୍ଷତି କରନ୍ତି । ତେବେ ଘଣ୍ଟାର ମୂଳକିଣା କେତେ ?

(A) ୪୪୦ ଟଙ୍କା (B) ୪୬୦ଟଙ୍କା

(C) ୪୮୦ ଟଙ୍କା (D) ୫୦୦ ଟଙ୍କା

୧୭. ୨୦ ପଇସି ଓ ୨୫ ପଇସି ମିଶି ୧୦ ଟଙ୍କାରେ ୪୭ଟି ମୁଦ୍ରା ଅଛି । ତେବେ କେତୋଟି ୨୦ ପଇସି ଅଛି ?

(A) ୩୫ (B) ୧୨ (C) ୪୦ (D) ୭

୧୮. ପିତା ପୁତ୍ରର ବର୍ତ୍ତମାନ ବୟସ ମିଶି ୪୧ ବର୍ଷ । ଯଦି ପୁତ୍ରର ବୟସ ୪ ବର୍ଷ ପୂର୍ବେ ୪ ବର୍ଷ ଥିଲା । ତେବେ ପିତାଙ୍କୁ କେତେ ବର୍ଷ ବେଳେ ପୁତ୍ର ଜନ୍ମଲାଭ କରିଥିଲା ?

(A) ୩୧ ବର୍ଷ (B) ୩୨ ବର୍ଷ

(C) ୩୩ ବର୍ଷ (D) ୩୪ ବର୍ଷ

୧୯. ସମାନ ମୂଲ୍ୟର ୫ପଇସି, ୧୦ପଇସି, ୨୦ପଇସି, ଓ ୨୫ପଇସି ମିଶି ୪୮ ଟଙ୍କା ଅଛି । ତେବେ ମୋଟ କେତୋଟି ମୁଦ୍ରା ଅଛି ?

(A) ୪୭୮ଟି (B) ୪୬୮ଟି

(C) ୪୫୮ଟି (D) ୪୮୮ଟି

୨୦. ଗୋଟିଏ କୁଣ୍ଡରେ ଦୁଇଟି ନଳ ଲାଗିଛି । ୧ମ ନଳ ୬ମିନିଟ୍‌ରେ କୁଣ୍ଡକୁ ପୂର୍ଣ୍ଣ କରେ । ମାତ୍ର ଦୁଇଟି ନଳ ଏକ ସଙ୍ଗରେ ଖୋଲି ଦେଲେ ୧୫ମିନିଟ୍‌ରେ କୁଣ୍ଡଟି ଜଳପୂର୍ଣ୍ଣ ହୁଏ । ୨ୟ ନଳ କେତେ ମିନିଟ୍‌ରେ ଜଳପୂର୍ଣ୍ଣ କୁଣ୍ଡକୁ ଜଳ ଶୂନ୍ୟ କରିବ ?

(A) ୮ମିନିଟ୍ (B) ୧୨ ମିନିଟ୍

(C) ୧୦ ମିନିଟ୍ (D) ୧୫ ମିନିଟ୍

୨୧. ୮୦ ମିଟର ଖମ୍ବକୁ ଏକ ମାଙ୍କଡ଼ ପ୍ରଥମ ମିନିଟ୍‌ରେ ୧୫ ମିଟର ଚଢ଼େ ଓ ଦ୍ୱିତୀୟ ମିନିଟ୍‌ରେ ୩ ମିଟର ଖସେ । ଏହି କ୍ରମରେ କେତେ ସମୟରେ ମାଙ୍କଡ଼ଟି ଖମ୍ବ ଉପରକୁ ଚଢ଼ିବ ?

(A) ୧୨ମି. ୩୨ସେ. (B) ୧୦ମି. ୪୮ସେ.

(C) ୧୫ମି. ୧୨ସେ. (D) ୮ମି.୪୮ସେ.

୨୨. ୯ଟି କୁକୁଡ଼ା ୧୨ ଦିନରେ ୨୭ଟି ଅଣ୍ଡା ଦିଅନ୍ତି । ତେବେ ୪ଟି କୁକୁଡ଼ା ୪ ଦିନରେ କେତୋଟି ଅଣ୍ଡା ଦେବେ ?

(A) ୬ଟି (B) ୮ଟି (C) ୫ଟି (D) ୪ଟି

https://ssvmkalamachhuin.in/

ରଫ୍

୨୩. ପାଞ୍ଚ ଅନ୍ତରରେ ଦୁଇଟି କ୍ରମିକ ସଂଖ୍ୟାର ଯୋଗଫଳ ୮୫ ହେଲେ ବଡ଼ ସଂଖ୍ୟାଟି କେତେ ?

(A) ୫୫ (B) ୪୫ (C) ୪୦ (D) ୭୫

୨୪. ୧ ଲିଟର ସୋରିଷ ତେଲର ଦାମ୍ ୧୮୦ଟଙ୍କା ହେଲେ ୬୭୫ଟଙ୍କାରେ କେତେ ତେଲ ମିଳିପାରିବ ?

(A) ୩ଲି. ୭୫୦ମି.ଲି. (B) ୨ଲି. ୮୦୦ମି.ଲି.

(C) ୩ଲି. ୮୦୦ମି.ଲି. (D) ୩ଲି. ୫୦୦ମି.ଲି.

୨୫. ଟ୭.୭୦ପ. - ଟ୮.୮୦ପ. + କେତେ = ୧୫ଟଙ୍କା

(A) ୧୮ଟ. ୧୦ପ. (B) ୧୭ଟ. ୧୦ପ.

(C) ୧୫ଟ. ୧୦ପ. (D) ୧୬ଟ. ୧୦ପ.

୨୬. ଟିକିନା ଗୋଟିଏ ଟଙ୍କା ନେଇ ଦଶ ପଇସି ଓ ପାଞ୍ଚ ପଇସି ମିଶି ୧୭ଟି ମୁଦ୍ରା ଆଣିଲା । ଦଶ ପଇସି ଓ ପାଞ୍ଚ ପଇସି କେତେ କେତେ ଆଣିଲେ ?

(A) ୨ ଓ ୧୫ (B) ୩ ଓ ୧୪

(C) ୧୪ ଓ ୩ (D) ୧୫ ଓ ୨

୨୭. ତୃତୀୟ ଶ୍ରେଣୀର ପ୍ରତି ପିଲାଙ୍କୁ ୧୨ଟି ଚକୋଲେଟ ଦେବାରୁ ୭ଟି ନିଅଣ୍ଟ ହେଲା ମାତ୍ର ୧୦ଟି ଲେଖାଏଁ ଦେବାରୁ ୨୩ଟି ବଳିପଡ଼ିଲା । ତେବେ ୩ୟ ଶ୍ରେଣୀର ପିଲା ସଂଖ୍ୟା କେତେ ?

(A) ୧୫ଜଣ (B) ୧୮ଜଣ (C) ୧୩ ଜଣ (D) ୧୪ଜଣ

୨୮. ଅଧା ସୋରିଷ ତେଲ ଥିବା ଟିଣର ଓଜନ ୨୧ କି.ଗ୍ରା । ଏକ ଚତୁର୍ଥାଂଶ ତେଲ ଥିବା ଟିଣର ଓଜନ ୧୩ କି.ଗ୍ରା ହେଲେ ପୂର୍ଣ୍ଣଥିବା ତେଲ ଟିଣର ଓଜନ କେତେ ?

(A) ୩୫କି.ଗ୍ରା. (B) ୩୪ କି.ଗ୍ରା.

(C) ୩୭ କି.ଗ୍ରା. (D) ୩୮କି.ଗ୍ରା.

୨୯. ତୁମ ଶିଶୁମନ୍ଦିର ଶାରୀରିକ ଆଚାର୍ଯ୍ୟ ପ୍ରଧାନ ଆଚାର୍ଯ୍ୟଙ୍କୁ ୮୫ ମିଟର ଲମ୍ବା ଓ ୫୫ ମିଟର ଓସାରର ଏକ ଖେଳ ପଡ଼ିଆ ପାଇଁ ସ୍ଥାନ ଦେଖାଇଲେ ଏବଂ ପଡ଼ିଆର ସୁରକ୍ଷା ପାଇଁ ବାହାରକୁ ୨ ମିଟର ଛାଡି ଏକ ବାଡ଼ ଦେବାକୁ ହେଲେ କେତେ ମିଟର ବାଡ଼ ଦେବାକୁ ହେବ ?

(A) ୨୮୦ମିଟର (B) ୨୮୦ ବର୍ଗମିଟର

(C) ୨୯୬ ବର୍ଗ ମିଟର (D) ୨୯୬ ମିଟର

https://ssvmkalamachhuin.in/

ରଫ୍

୩୦. ସମାନ ସଂଖ୍ୟାର ୫ପଇସି., ୧୦ପଇସି, ୨୦ପଇସି, ୨୫ପଇସି ଓ ୫୦ ପଇସି ମିଶି ମୋଟ ୫୫ ଟଙ୍କା ଅଛି । ତେବେ ମୋଟ ମୁଦ୍ରା ସଂଖ୍ୟା କେତେ ?

(A) ୨୦୦ଟି (B) ୨୫୦ଟି (C) ୩୦୦ଟି (D) ୩୫୦ଟି

୩୧. ଏପ୍ରିଲ ମାସ ୫ ତାରିଖ ଶୁକ୍ରବାର ହେଲେ ସେମାସର ୨୫ ତାରିଖ କେଉଁ ବାର ପଡ଼ିବ ?

(A) ଶନିବାର (B) ଶୁକ୍ରବାର (C) ରବିବାର (D) ଗୁରୁବାର

୩୨. ଜଣେ ଲୋକ ଦିନକୁ ୩ ପଣ ୩ ଗଣ୍ଡା ୩ କଡ଼ା ଡଳି ଉପାଡ଼ିଲେ ସେହିପରି ୫ ଜଣ ଲୋକ କେତେ ଡଳି ଉପାଡ଼ିବେ ?

(A) ୧୨୦୦ଟି (B) ୧୨୫୦ଟି

(C) ୧୨୭୫ଟି (D) ୧୩୦୦ଟି

୩୩. ଗୋଟିଏ ପୋଲ କରିବାକୁ କେତେ ଜଣ ଲୋକଙ୍କୁ କାମ କରାଇ କାମଟି ୧୮ ଦିନରେ ଶେଷ କରିବାର ଲକ୍ଷ୍ୟ ରଖାଗଲା । ମାତ୍ର ସେମାନଙ୍କ ମଧ୍ୟରୁ ୩ ଜଣ ଲୋକ ଚାଲିଯିବାରୁ ଉକ୍ତ କାମଟି ୨୦ ଦିନରେ ଶେଷ ହେଲା ତେବେ ପ୍ରଥମେ କେତେ ଲୋକ କାମରେ ଲାଗିଥିଲେ ?

(A) ୩୦ ଜଣ (B) ୨୨ ଜଣ

(C) ୨୫ ଜଣ (D) ୨୭ ଜଣ

୩୪. ଏପ୍ରିଲ ୧୮ ତାରିଖରୁ ଗ୍ରୀଷ୍ମ ଛୁଟି ଦିଆଗଲା । ଏହି ଛୁଟି ୬୩ ଦିନ ହୋଇଥିଲେ, କେବେ ଛୁଟି ଖୋଲିବ ?

(A) ଜୁନ ୧୯ (B) ଜୁନ ୨୦

(C) ଜୁନ ୨୧ (D) ଜୁନ ୧୮

୩୫. ୩୦୦ର ନିକଟବର୍ତ୍ତୀ କେଉଁ ଦୁଇଟି ସଂଖ୍ୟା ୧୭ ଦ୍ୱାରା ବିଭାଜ୍ୟ ?

(A) ୨୮୯ ଓ ୩୦୬ (B) ୨୯୮ ଓ ୩୦୩

(C) ୨୮୯ ଓ ୩୦୩ (D) ୨୯୮ ଓ ୩୧୫

୩୬. ବର୍ତ୍ତମାନ ମଧୁକୁ ୭ ବର୍ଷ ଓ ତା' ବାପାଙ୍କୁ ୩୧ ବର୍ଷ । ଆଉ କେତେ ବର୍ଷ ପରେ ତା'ର ବାପାଙ୍କ ବୟସ ମଧୁର ବୟସର ୨ ଗୁଣ ହେବ ।

(A) ୧୩ ବର୍ଷ (B) ୧୫ ବର୍ଷ

(C) ୧୭ ବର୍ଷ (D) ୧୯ ବର୍ଷ

୩୭. ସନ୍ତୋଷ ଓ ପ୍ରକାଶର ଟଙ୍କା ମିଶି ୬୦ ଟଙ୍କା । ସନ୍ତୋଷ ଟଙ୍କାର ୨ ଗୁଣ ଯେତେ ପ୍ରକାଶ ଟଙ୍କାର ୩ ଗୁଣ ସେତେ । କାହାର ଟଙ୍କା କେତେ ?

(A) ସନ୍ତୋଷ ୩୫ ଓ ପ୍ରକାଶ ୧୦

(B) ସନ୍ତୋଷ ୨୬ ଓ ପ୍ରକାଶ ୩୪

(C) ସନ୍ତୋଷ ୩୪ ଓ ପ୍ରକାଶ ୨୬

(D) ସନ୍ତୋଷ ୩୬ ଓ ପ୍ରକାଶ ୨୪

https://ssvmkalamachhuin.in/

୩୮. ୩ ତାରିଖ ପୂର୍ବାହ୍ନ ଘ ୧୦.୩୦ମି ସମୟରେ ତାଙ୍କ ଅଫିସ୍‌ରେ ପହଞ୍ଚି ଦେଖିଲେ ଯେ, ଅଫିସ୍ ଆରମ୍ଭ ହେବାର ୨୦ ମିନିଟ୍ ପୂର୍ବରୁ ପହଞ୍ଚି ଯାଇଛନ୍ତି । ତା'ପରଦିନ ପୂର୍ବାହ୍ନ ଘ.୧୧.୧୦ମିରେ ପହଞ୍ଚି ଦେଖିଲେ ଯେ ସେ ୨୦ ମିନିଟ୍ ବିଳମ୍ବରେ ପହଞ୍ଚିଛନ୍ତି । ତେବେ ସେ କେଉଁ ସମୟରେ ପହଞ୍ଚିଲେ ଠିକ୍ ସମୟରେ ପହଞ୍ଚିବେ ?

(A) ଘ. ୧୧.୦୦ମି. (B) ଘ.୧୦.୫୦ମି.

(C) ଘ. ୧୦.୪୫ମି. (D) ଘ. ୧୦.୪୦ମି.

୩୯. ସ୍ଥିର ଜଳରେ ମଣିଷ ୧ ମିନିଟ୍‌ରେ ୧୦ ମିଟର ପହଁରି ପାରେ । ମାତ୍ର ନଦୀର ଅନୁକୂଳରେ ୧ ମିନିଟ୍‌ରେ ୧୫ ମିଟର ପହଁରି ପାରେ । ସେ ସ୍ରୋତର ଅନୁକୂଳରେ ୬୦ ମିଟର ଯାଇ ସ୍ରୋତର ପ୍ରତିକୂଳରେ ଫେରି ଆସିବାକୁ କେତେ ସମୟ ଲାଗିବ ?

(A) ୧୬ ମିନିଟ୍ (B) ୧୬ ଘଣ୍ଟା

(C) ୧୨ ମିନିଟ୍ (D) ୧୨ ଘଣ୍ଟା

୪୦. କେଉଁ କ୍ଷୁଦ୍ରତମ ସଂଖ୍ୟାକୁ ୯ ଦ୍ଵାରା ଭାଗ କଲେ ଭାଗଶେଷ ୭ ହେବ, ମାତ୍ର ସେହି ସଂଖ୍ୟାକୁ ୮ ଦ୍ଵାରା ଭାଗକଲେ ଭାଗଶେଷ ୬ ହେବ । ସଂଖ୍ୟାଟି କେତେ ?

(A) ୭୪ (B) ୭୨ (C) ୬୫ (D) ୭୦

୪୧. ଜଣେ ରେଳଯାତ୍ରୀ ୧ ମିନିଟ୍‌ରେ ରେଳରାସ୍ତା ପାଖରେ ଥିବା ସମାନ ସମାନ ଦୂରତା ବିଶିଷ୍ଟ ୪୧ଟି ଖୁଣ୍ଟ ପାର ହୋଇଥାଏ । ଯଦି ଦୁଇଟି ଖୁଣ୍ଟ ମଧ୍ୟରେ ଦୂରତା ୨୫ ମିଟର ହୁଏ, ତେବେ ମିନିଟ୍ ପ୍ରତି ଗାଡ଼ିର ବେଗ କେତେ ?

(A) ୧୦୦୦ମିଟର (B) ୮୦୦ ମିଟର

(C) ୧୨୦ ମିଟର (D) ୧.୩କି.ମି.

୪୨. ଗଣେଶ ବାବୁ ପ୍ରତି କାକୁଡ଼ିକୁ ୨୦ ପଇସା ହିସାବରେ ବିକି ଯେତେ ଟଙ୍କା ପାଇଲେ, ଯଦି ପ୍ରତି କାକୁଡ଼ିକୁ ୨୫ ପଇସା ହିସାବରେ ବିକିଥାନ୍ତେ, ତେବେ ସେ ଟ.୫ ଅଧିକ ପାଇ ଥାଆନ୍ତେ । ତେବେ ସେ କେତୋଟି କାକୁଡ଼ି ବିକିବାକୁ ଆଣିଥିଲେ ?

(A) ୧୦୫ (B) ୧୦୦୦ (C) ୧୦୦ (D) ୧୧୦

୪୩. $\dfrac{୨\frac{୧}{୨}\times ୨\frac{୧}{୨} - ୧\frac{୧}{୨}\times ୧\frac{୧}{୨}}{୨\frac{୧}{୨} - ୧\frac{୧}{୨}}$ = କେତେ

(A) ୧ (B) ୪ (C) $୨\frac{୧}{୨} - ୧\frac{୧}{୨}$ (D) ।

https://ssvmkalamachhuin.in/

ରଫ୍

୪୪. ଗୋଟିଏ ଜମିର ଦୈର୍ଘ୍ୟ ୪ ଜରିବ ଓ ପ୍ରସ୍ଥ ୩ ଜରିବ ହେଲେ ଏହାର କ୍ଷେତ୍ରଫଳ କେତେ ଡ଼େସିମିଲ ହେବ ?

(A) ୧୨ ବର୍ଗ ଡେସିମିଲ (B) ୧୮ ଡେସିମିଲ
(C) ୪୮ ଡେସିମିଲ (D) ୧୨୦ ଡେସିମିଲ

୪୫.  ଦତ୍ତ ଚିତ୍ରରେ କେତୋଟି ବର୍ଗଚିତ୍ର ଅଛି ?

(A) ୨୪ (B) ୨୬
(C) ୨୫ (D) ୩୦

୪୬. ଚାରି ଚାରି ଅନ୍ତରରେ ୩ଟି କ୍ରମିକ ସଂଖ୍ୟାର ଯୋଗଫଳ ୪୮ ହେଲେ ସେମାନଙ୍କର ଗୁଣଫଳ କେତେ ?

(A) ୩୮୪୦ (B) ୩୪୮୦
(C) ୪୮୩୦ (D) ୩୦୮୪

୪୭. 


ଶୂନ୍ୟସ୍ଥାନରେ କେତେ ରହିବ ?

(A) ୫୪ (B) ୪୫
(C) ୩୯ (D) ୪୨

୪୮. ୧ ଘଣ୍ଟାର ଏକ ଚତୁର୍ଥାଂଶ = ________ମିନିଟ୍

(A) ୧୪ ମିନିଟ୍ (B) ୧୬ ମିନିଟ୍
(C) ୧୫ ମିନିଟ୍ (D) ୨୦ ମିନିଟ୍

୪୯. ଶକୁନ୍ତଳା ଦେବୀଙ୍କ ତିରୋଧାନ କେଉଁ ମସିହାରେ ହୋଇଥିଲା ?

(A) ୧୯୧୩ (B) ୨୦୧୪
(C) ୨୦୨୩ (D) ୨୦୧୩

୫୦. ଦତ୍ତ ଭାଗକ୍ରିୟାରେ ଶୂନ୍ୟସ୍ଥାନ ପୂରଣ କର ।

```
୯୮ | ୨୨ | ୩୧
୦୨ |  ୦ | ୪
   |    | --
---+---------
    ୨୨   ୨୫
```

(A) ୦୮ (B) ୦୪
(C) ୦୬ (D) ୧୦

●●●

https://ssvmkalamachhuin.in/

ରଫ୍

https://ssvmkalamachhuin.in/